## ବିଜ୍ଞାନ ମେଳାରେ ୨୫ ପ୍ରକଳ୍ପ ପ୍ରଦର୍ଶିତ

ଆଠମଲ୍ଲିକ,୧୧।୧୦(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ନୂଆସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଥମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ମନ୍ମଥ ମେହେର, ବାବୁଲି ଦେହୁରିଆ, ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବୁଲୁ ବୀରଙ୍କ ସହିତ ଶ୍ରଦ୍ଧାଞ୍ଜଳି ସିଂ ସାମନ୍ତ, କୋମଲ କୁସୁମ ସିଂଦେଓ, ଗାୟତ୍ରୀ ନାଗ, କମଳିନୀ ଚାଉଳିଆ, ଶୁଭଲକ୍ଷ୍ମୀ ଜାଲ, ସନ୍ଧ୍ୟାରାଣୀ ସିଂ ଉପସ୍ଥିତ ରହି ବିଜ୍ଞାନମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ବୁଲି ଦେଖିଥିଲେ। ଅରୁଣ ଓ ଉଦୟ ଶ୍ରେଣୀରେ ସ୍ମୃତି ପ୍ରିୟ ସାହୁ ପ୍ରଥମ, ସତ୍ୟପ୍ରକାଶ ପ୍ରଧାନ ଦ୍ୱିତୀୟ, ସୁଶ୍ରୀ ଶୁଭାଙ୍ଗୀ ଅମାତ, ସୃତିଶୋହାନୀ ମହାରଣା ତୃତୀୟ ହୋଇଥିଲେ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସାୟନ ବାଘ ପ୍ରଥମ, ସ୍ୱୟମ ସ୍ୱରୂପ ଭୋଇ ଦ୍ୱିତୀୟ, ସାଇସ୍ମିତା ପଲିଆ, ହିମାଂଶୁ ଶେଖର ପୁରୋହିତ ତୃତୀୟ ହୋଇଥିଲେ। ତୃତୀୟରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ସାନଭି ବୁଡ଼ାଇକ ପ୍ରଥମ, ଶ୍ରୀୟଂଶୀ ଚୌଧୁରୀ ଦ୍ୱିତୀୟ, ଓମ କୁମାର୍ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ପୁନର୍ଗଠନ ହୋଇପାରିଲାନି ସେଣ୍ଟ୍ରାଲ ପୂଜା କମିଟି

■ସଭାପତି ଚୟନ ନେଇ ନିଆଯାଇପାରିଲାନି ନିଷ୍ପତ୍ତି
■ବୈଠକରେ ହୋହଲ୍ଲା କଲେ କର୍ମକର୍ତ୍ତା
■ପୂଜା ପରିଚାଳନା ନେଇ ବଢ଼ୁଛି ଦ୍ୱନ୍ଦ୍ୱ


ଅନୁଗୋଳ ଟାଉନହଲ୍‌ଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ।

ଅନୁଗୋଳ, ୧୧।୧୦ (ଅମିତ କୁମାର ସାମଲ)

୮ ବର୍ଷ ତଳେ ଅନୁଗୋଳରେ ସେଣ୍ଟ୍ରାଲ ପୂଜା କମିଟି ଗଢ଼ାଯାଇଥିଲା। ପାର୍ବଣ ପରିଚାଳନାରେ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିଲା। କିଭଳି ସହରରେ ପୂଜା ମଣ୍ଡପଗୁଡ଼ିକ ମଧ୍ୟରେ ଭଲ ସମ୍ପର୍କ ରହିବ, କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ନାହିଁ ଆଦି ଉପରେ ଏହି କମିଟି ଧ୍ୟାନ ରଖୁଥିଲା। କିନ୍ତୁ ବୁଧବାର ଅନୁଗୋଳ ସହରର ଟାଉନହଲ୍‌ଠାରେ ଅନୁଷ୍ଠିତ ବୈଠକରେ ଏହି ସେଣ୍ଟ୍ରାଲ ପୂଜା କମିଟି ପୁନର୍ଗଠନ ହୋଇନାହିଁ। ପୂର୍ବତନ କର୍ମକର୍ତ୍ତାମାନେ ନିଜ ପଦବୀରୁ ଓହରି ଯାଇଥିବାବେଳେ ନୂତନ କର୍ମକର୍ତ୍ତା ଚୟନ ହୋଇପାରି ନାହିଁ। ଫଳରେ ଅନୁଗୋଳରେ ଗଢ଼ାଯାଇଥିବା ସେଣ୍ଟ୍ରାଲ ପୂଜା କମିଟି ଭାଙ୍ଗି ଯାଇଥିବା ଖୋଦ୍ ପୂର୍ବତନ ସଭାପତି ଅକ୍ଷୟ କୁମାର ସାମନ୍ତ କହିଛନ୍ତି।

ଟାଉନହଲ୍‌ଠାରେ ସେଣ୍ଟ୍ରାଲ ପୂଜା କମିଟି ବୈଠକରେ ପୂର୍ବତନ ସଭାପତି ଅକ୍ଷୟ କୁମାର ସାମନ୍ତ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜାକୁ ସହରରେ କିଭଳି ଭାବେ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଦୁର୍ଗାପୂଜା ଆସନ୍ତା ୨୦ରୁ ୨୪ ତାରିଖ ଯାଏ ପାଳନ ସହ ୨୫ରେ ଭସାଣି ଓ ଲକ୍ଷ୍ମୀପୂଜା ଆସନ୍ତା ୨୮ରୁ ନଭେମ୍ବର ୭ ଯାଏ ପାଳନ ସହ ୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ତେବେ ପୂଜା ନେଇ ପ୍ରଶାସନ ବୈଠକ କରିବାର ୧୩ ଦିନ ପରେ ସେଣ୍ଟ୍ରାଲ ପୂଜା କମିଟି ବୈଠକ ଡକାଇଥିବାରୁ କମିଟି ସଦସ୍ୟମାନେ ଦୁଃଖ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ପ୍ରଧାନ ସହରରେ ୩୬ଟି ମଣ୍ଡପରେ ଲକ୍ଷ୍ମୀ ପୂଜା ହେବାକୁ ଥିବାବେଳେ ୧୧ଟି ମଣ୍ଡପରେ ଦୁର୍ଗାପୂଜା ହେବ ବୋଲି ସୂଚନା ଦେଇଥିଲେ। ଏଥିସହ ଗତ ବର୍ଷର ଆୟବ୍ୟୟ ହିସାବ ଦେଇଥିଲେ। ଏହାପରେ ଉପସ୍ଥିତ ସଦସ୍ୟମାନେ ସେଣ୍ଟ୍ରାଲ ପୂଜା କମିଟି କର୍ମକର୍ତ୍ତା ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବୈଠକରେ ହୋ ହାଲ୍ଲା ଆରମ୍ଭ ହୋଇଯାଇଥିଲା। ପୂର୍ବରୁ ଥିବା କର୍ମକର୍ତ୍ତାଙ୍କ ମଧ୍ୟରୁ ସଭାପତି ଅକ୍ଷୟ କୁମାର ସାମନ୍ତ ଓ ସମ୍ପାଦକ ଦିଲୀପ ପ୍ରଧାନ ବ୍ୟକ୍ତିଗତ କାରଣ ଦର୍ଶାଇ ପଦ ଛାଡ଼ିଥିଲେ। ଏହାପରେ ସଭାପତି ପଦରେ କିଏ ରହିବ ତାହା ସ୍ଥିର ହୋଇପାରି ନ ଥିଲା। ଫଳରେ ସେଣ୍ଟ୍ରାଲ ପୂଜା କମିଟି ଆଉ ପୁନର୍ଗଠିତ ହୋଇପାରି ନ ଥିଲା। ତେଣୁ ପାର୍ବଣରେ କିଭଳି ବିଭିନ୍ନ ପୂଜା କମିଟି ସହ ଅନ୍ୟ ପୂଜା କମିଟିର ସୁସମ୍ପର୍କ ରହିବ ତାହାକୁ ନେଇ ଏବେ ଅଡୁଆ ପରିସ୍ଥିତି ଉପୁଜିଛି। ଏଭଳି କି ସେଣ୍ଟ୍ରାଲ ପୂଜା କମିଟିର ବଳକା ଅର୍ଥ ଏବେ କ'ଣ ହେବ ବୋଲି ମଧ୍ୟ କେତେଜଣ ସଦସ୍ୟ ପ୍ରଶ୍ନ କରିଛନ୍ତି।

## ଜୋର୍ ଧରିଲା ଚକବନ୍ଦୀ ଉଚ୍ଛେଦ ଦାବି

ଅନୁଗୋଳ, ୧୧।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ୯୨ଖଣ୍ଡ ଚକବନ୍ଦୀ ଅଧୀନ ଗ୍ରାମରୁ ଚକବନ୍ଦୀ ଉଚ୍ଛେଦ ପାଇଁ ଜିଲା ଚାଷୀ ସୁରକ୍ଷା କମିଟି ଆନ୍ଦୋଳନ କରିବ। ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ପାଠାଗାରଠାରେ ବୁଧବାର ଏକ ବୈଠକରେ ଏହି ଚକବନ୍ଦୀ ଉଚ୍ଛେଦ ଦାବି ଜୋର୍ ଧରିଛି। ୨୦୨୧ ଅକ୍ଟୋବର ୨୭ ଓ ୨୦୨୩ ଜାନୁୟାରୀ ୧୭ରେ ଚକବନ୍ଦୀର ଉଚ୍ଛେଦ ପାଇଁ ୯୨ଟି ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଆନ୍ଦୋଳନ କରିଥିଲେ। ଅଦ୍ୟାବଧି ଦାବି ପୂରଣ ହୋଇ ନ ଥିବାରୁ ପୁଣିଥରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବୈଠକରେ ଜିତେନ୍ଦ୍ର ପ୍ରଧାନ, ଗଣେଶ୍ୱର ବିଶ୍ୱାଳ, ସରସ୍ୱତୀ ନାଥ, ରବୀନ୍ଦ୍ର ସାହୁ, ତ୍ରିନାଥ ସାହୁ, ଦିବାକର ମଲ୍ଲିକ, ଅଚ୍ୟୁତାନନ୍ଦ ମିଶ୍ର, ମହେଶ୍ୱର ସାହୁ, ଦୁର୍ଗାଚରଣ ପ୍ରଧାନ, ନବକିଶୋର ପ୍ରଧାନ, ହେମନ୍ତ କୁମାର ଦାସ, ବ୍ରଜବନ୍ଧୁ ସାହୁ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଏଥିସହିତ କମିଟିକୁ ପୁନର୍ଗଠନ କରାଯାଇଛି। ଉପଦେଷ୍ଟା ଭାବେ ଭାସ୍କର ଦେହୁରୀ, ତ୍ରିନାଥ କୁମାର ସାହୁ, ଅଚ୍ୟୁତାନନ୍ଦ ମିଶ୍ର, ମହେଶ୍ୱର ସାହୁ, ବିଜୟ କୁମାର ମାଝି, ସଭାପତି ଭାବେ ପ୍ରଦୀପ କୁମାର ପ୍ରଧାନ, ସମ୍ପାଦକ ଭାବେ ହେମନ୍ତ କୁମାର ଦାସଙ୍କୁ ନେଇ ୩୦ଜଣିଆ କମିଟି ସର୍ବସମ୍ମତିକ୍ରମେ ଗଠନ କରାଯାଇଛି।


ଜିଲା ଚାଷୀ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ଜରାଶ୍ରମ ନିମନ୍ତେ ସହାୟତା ପ୍ରଦାନ

ତାଳଚେର,୧୧।୧୦(ମନୋଜ ନନ୍ଦ)

ତାଳଚେରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ନିର୍ମାଣ ହେବାକୁ ଥିବା ଏକ ଜରାଶ୍ରମ ପାଇଁ କଳମଛୁଇଁ ଗ୍ରାମର ସୁରେନ୍ଦ୍ର ସାହୁ, ପୁରୁଷୋତ୍ତମ ସାହୁ ଓ ଆମ୍ବପାଳ ଗ୍ରାମର ବିଜୟ କୁମାର ମାଝି ପ୍ରମୁଖ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ବଦାନ୍ୟ ବ୍ୟକ୍ତିମାନେ ଅନୁଷ୍ଠାନର କାର୍ଯ୍ୟାଳୟ ଠାରେ ପହଞ୍ଚି ସଭାପତି ଗୌର ଚନ୍ଦ୍ର ସାହୁ, ଉପଦେଷ୍ଟା ଦୁଃଖବନ୍ଧୁ ସାହୁ, ଦୀନବନ୍ଧୁ ପ୍ରଧାନ, ବରିଷ୍ଠ ସଦସ୍ୟ ପଞ୍ଚୁନାଥ ସାହୁ, ଇନ୍ଦ୍ରମଣି ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭଗବାନ ସ୍ୱାଇଁ, ସମ୍ପାଦକ ଶୁଭକାନ୍ତ ସ୍ୱାଇଁଙ୍କ ଉପସ୍ଥିତିରେ ୧ ଲକ୍ଷ ୨୭ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ବୃଦ୍ଧାଶ୍ରମ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା କରାଯାଇଛି।


ଜରାଶ୍ରମ ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

## ଡିଏସ୍‌ଓ ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ, ୧୧।୧୦ (ଅମିତ କୁମାର ସାମଲ)

ମହାନ୍ ମାନବବାଦୀ, କବି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଛାତ୍ର ସଙ୍ଗଠନ ଡିଏସ୍‌ଓ ଏବଂ ଯୁବ ସଙ୍ଗଠନ ଡିୱାଇଓ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଗୋଳ ଗୋପବନ୍ଧୁ ପାର୍କରେ ଛାତ୍ର, ଯୁବକମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଲ୍ ଇଣ୍ଡିଆ ଡିଏସ୍‌ଓ ଜିଲା ସମ୍ପାଦକ ନାରାୟଣ ନାୟକଙ୍କ ପରିଚାଳନାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ଡିୱାଇଓ ରାଜ୍ୟ ସଭାପତି ମାନସ ପାଳ ପ୍ରମୁଖ ଯୋଗଦେଇଥିଲେ। ଡିୱାଇଓ ଜିଲା ସଭାପତି ନିରଞ୍ଜନ ନାୟକ, ମଳୟ ବେହେରା, ପ୍ରଭାତ ପ୍ରଧାନ, ସୋରେନ ସାହୁ, ସରୋଜିନୀ ବେହେରା, ନିରୁପମା ନାୟକ, ଏଲିଶା ପ୍ରିୟଦର୍ଶିନୀ, ସୌମ୍ୟକାନ୍ତ ପ୍ରଧାନ, ଚାଷୀନେତା ସୁବାସ ପ୍ରଧାନ, କୁମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଙ୍କ ନିକଟରେ ପହଞ୍ଚାଅ ସରକାରୀ ଯୋଜନା


ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ପଦଯାତ୍ରାରେ ଯାଉଛନ୍ତି।


ପଦଯାତ୍ରା ବେଳେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ଅନ୍ୟମାନେ।

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)

ଲୋକଙ୍କ ବିକାଶ ହେଲେ ରାଜ୍ୟର ବିକାଶ ହେବ। ତେଣୁ ଲୋକଙ୍କ ନିକଟରେ କିପରି ସରକାରୀ ଯୋଜନା ପହଞ୍ଚିବ ସେ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ବୁଧବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଠାକୁରଗଡ଼ ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା କୃତିବାସପୁର, ବରପାଲି, ମନ୍ଦରବାହାଳ, ସାନହୁଲା ଆଦି ଅଞ୍ଚଳ ପରିକ୍ରମା କରିଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, କିଶୋରନଗର ବ୍ଲକ ବିଜେଡି ଯୁବ ସଭାପତି ଅରୁଣ କୁମାର ସାହୁ, ପୂର୍ବତନ ସରପଞ୍ଚ ମହେଶ୍ୱର ଦେହୁରୀ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, କିଶୋରନଗର ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ସେହିପରି କିଶୋରନଗର ଅଞ୍ଚଳରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କିଶୋରନଗରର ଦୋହଲିଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଶ୍ରମନ୍ତମୁଣ୍ଡା, ରୋହଣସାହି, ଭୀମପୁର, ବଣିଆଦୋହଲି, କଦଳୀମୁଣ୍ଡା, କୁସୁଣୀ, କଦଳୀମୁଣ୍ଡା ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ କିଭଳି ନବୀନ ସରକାରଙ୍କ ଅମଳରେ ବିକାଶ ହୋଇଛି ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ପ୍ରଧାନ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ବିଜେଡି ନେତା କାଳନ୍ଦୀ ଚରଣ ପ୍ରଧାନ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବ୍ଲକ ମହିଳା ସଭାନେତ୍ରୀ ଅନିତା ଦାସ, ସଦାଶିବ ନାୟକ ଙ୍କ ସମେତ ବହୁତ କର୍ମୀ ଯୋଗ ଦେଇଥିଲେ ।

## ଖୋଖୋ ପ୍ରତିଯୋଗିତାରେ ୬୭୭ ପ୍ରତିଯୋଗୀ

ଅନୁଗୋଳ, ୧୧।୧୦ (ଅମିତ କୁମାର ସାମଲ)



ଅନୁଗୋଳ ଫରେଷ୍ଟ ରେଞ୍ଜର୍ସ ତାଲିମ ମହାବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ୨୦୨୩-୨୪ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖରେ ଉଦ୍‌ଯାପିତ ହେବ। ୨ଟି ପର୍ଯ୍ୟାୟରେ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ର ଓ ୧୪ ବର୍ଷରୁ କମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ବାଳକ ବିଭାଗରେ ୨୯ ଦଳ ଓ ବାଳିକା ବିଭାଗରେ ୨୯ ଦଳ ଭାଗ ନେଇଛନ୍ତି। ଏଥିରେ ୬୭୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଗଣଶିକ୍ଷା ବିଭାଗ କ୍ରୀଡ଼ା ଉପନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରି ବନ୍ଧୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କୈଳାଶ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ପାଲଲହଡ଼ା ବିଧାୟକ ମୁକେଶ ପାଳ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ ସାହୁ ଉପସ୍ଥିତ ସମସ୍ତ ଅତିଥି, କ୍ରୀଡାପ୍ରତିଯୋଗୀ, କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ ମଞ୍ଚ ପରିଚାଳନା କରିଥିଲେ।

## ୧୪ ନଭେମ୍ବରରୁ ବ୍ଲକ ସମ୍ମୁଖରେ ଗଣଧାରଣା

### ନିର୍ମାଣ ହେଉନି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତଠାରେ ହେବାକୁ ଥିବା ପ୍ରସ୍ତାବିତ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ଏଯାଏ ନିର୍ମାଣ ହେଉନାହିଁ। ଏହାକୁ ନେଇ କିଶୋରନଗର ବ୍ଲକବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଏଥିପାଇଁ ଆନ୍ଦୋଳନ କରାଯାଉ ଥିବାବେଳେ କୌଣସି ସୁଫଳ ମିଳୁ ନ ଥିବାରୁ କିଶୋରନଗର ବ୍ଲକ ସମ୍ମୁଖରେ ନଭେମ୍ବର ୧୪ରୁ ଗଣଧାରଣା ଦିଆଯିବାକୁ ବୁଧବାର ନିଷ୍ପତ୍ତି ନିଆଯାଇଛି।

କମିଟି ପକ୍ଷରୁ ଜଏରାଟ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନନ୍ତ ଚରଣ ପ୍ରଧାନ, ରମଣି ରଞ୍ଜନ ପ୍ରଧାନ, ଗୌରଚନ୍ଦ୍ର ସାହୁ, ରବୀନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ବସନ୍ତ ସାହୁ, ସୁରୁଚି ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ସେମାନେ କହିଥିଲେ, ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ବହୁବାର ଆନ୍ଦୋଳନ କରାଯାଇଛି। ହେଲେ ସରକାର ଶୁଣୁନାହାନ୍ତି। ଏଠାରେ ପ୍ରକଳ୍ପ ନିର୍ମାଣ କରାଗଲେ ୫ଟି ପଞ୍ଚାୟତର ୨୦ ଗ୍ରାମର ଚାଷ ଜମିକୁ ପାଣି ମାଡ଼ିବ। ସହସ୍ରାଧିକ ହେକ୍ଟରରେ ଧାନ ଚାଷର ବିକାଶ ହେବା ସହ ଚାଷୀମାନେ ବହୁ ଉପକୃତ ହେବେ। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣ ଦିଗରେ ସରକାର ଧ୍ୟାନ ଦେଉ ନ ଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।


ସଭାରେ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟିର କର୍ମକର୍ତ୍ତାମାନେ।

## ମୌଳିକ ସମସ୍ୟା ଦୂର ଉପରେ ଗୁରୁତ୍ୱ

କଣିହାଁ,୧୧।୧୦(ସଚ୍ଚିଦାନନ୍ଦ ପ୍ରଧାନ)

ତାଳଚେର ନିର୍ବାଚନମଣ୍ଡଳୀ ଅଧୀନ କଣିହାଁ ବ୍ଲକ ୯ ନମ୍ବର ଜୋନ୍‌ର ୩ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ରୀତାରାଣୀ ଦାସ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଜିଲା କାର୍ଯ୍ୟକର୍ତ୍ତା ଦିଲୀପ ପ୍ରଧାନ, ଜୋନ୍ କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ, ଯୁବନେତା ଜିତେନ୍ଦ୍ରୀୟ ସାହୁ ପ୍ରମୁଖଙ୍କ ସହିତ ଅନେକ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଦସ୍ୟ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ବିଜିଗୋଲ ପଞ୍ଚାୟତରୁ ଆରମ୍ଭ କରି କଣିହାଁ, ବଡଗୁଣ୍ଡୁରୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇଥିଲା। ରାଜ୍ୟ ସରକାରଙ୍କ ଯୋଜନାକୁ ନେଇ ଜନସାଧାରଣଙ୍କ ମୌଳିକ ସମସ୍ୟା ଦୂର ଉପରେ ଗୁରୁତ୍ୱ ଦିଆଯିବା ସହିତ ସମାଧାନ ଦିଗରେ ଜନସାଧାରଣଙ୍କର ପରାମର୍ଶ ନିଆଯାଇଥିଲା।


ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

## ସରକାରୀ ଯୋଜନା ବିଷୟରେ ବୁଝାଇଲେ ବିଧାୟକ

ଛେଣ୍ଡିପଦା,୧୧।୧୦(ଅଜିତ ଧଳ)

ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଛେଣ୍ଡିପଦା ଗ୍ରାମରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ଗଡନାୟକଙ୍କ ତତ୍ତ୍ୱାବଧାନରେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ପଦଯାତ୍ରାରେ ବାହାରିଥିଲେ। ଛେଣ୍ଡିପଦା ଗ୍ରାମ ପରିକ୍ରମା ପରେ ଡାକବଙ୍ଗଳା ଠାରେ ଏହା ଶେଷ ହୋଇଥିଲା। ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର ବଡ଼ିଆ, ଜିଲା ବିଜେଡି ସହପର୍ଯ୍ୟବେକ୍ଷକ କୁଞ୍ଜବିହାରୀ ଦାସ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଜିଲାପରିଷଦ ସଦସ୍ୟ ଦିଲୀପ କୁମାର ପ୍ରଧାନ, ନଗେନ୍ଦ୍ର ପ୍ରଧାନ, ସଭ୍ୟା ଭାନୁପ୍ରିୟା ପ୍ରଧାନ, ତ୍ରିନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପଦଯାତ୍ରା ବେଳେ ବିଧାୟକ ଜନସାଧାରଣଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ବୁଝିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବୁଝାଇଥିଲେ। ପରେ ବନଦୁର୍ଗା ମନ୍ଦିରଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ବ୍ଲକ ସଭାପତି ଶରତ ଗଡ଼ନାୟକଙ୍କ ସଭାପତିତ୍ୱରେ ଏହି ସଭାରେ ବିଧାୟକ ବେହେରାଙ୍କ ସହ ଅନ୍ୟ ନେତାମାନେ ଯୋଗ ଦେଇଥିଲେ। ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ସଭା ପରିଚାଳନା କରିଥିଲେ। ପ୍ରଦୀପ କୁମାର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପଦଯାତ୍ରା ଓ ସଭାରେ ନିର୍ବାଚନମଣ୍ଡଳୀର ୫୨ଟି ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି, କର୍ମୀ, ବରିଷ୍ଠ ନେତା, ସଙ୍ଗଠନ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ନାରାୟଣ ସାହୁ, ସୌରଭ ରଞ୍ଜନ ବେହେରା, ଛେଣ୍ଡିପଦା ବିକାଶ ସମିତି ସଭାପତି ବାଜି ବେହେରା, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ଯୁବ ବିଜେଡି ସଭାପତି ଆଶିଷ ପ୍ରଧାନ, ଜନ୍ମେଜୟ ମାଝି, ବାବୁଲା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବନଦୁର୍ଗା ମନ୍ଦିରଠାରେ ସାଧାରଣ ସଭାରେ ବିଧାୟକଙ୍କ ସମେତ ଅନ୍ୟ ନେତାମାନେ।

## ସଂକ୍ଷେପରେ

### ପୋଖରୀରୁ ମୃତଦେହ ଜବତ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ପାଣ୍ଡି ଅଞ୍ଚଳର ବାରଗାଡ଼ିଆଠାରେ ଥିବା ଏକ ପଦ୍ମ ପୋଖରୀରୁ ବୁଧବାର ଅଗ୍ନିଶମ କର୍ମଚାରୀମାନେ ଏକ ମୃତଦେହ ଉଦ୍ଧାର କରିଛନ୍ତି। ମୃତକ ହେଲେ ଶରତ ଚନ୍ଦ୍ର ପାତ୍ର (୬୦)। ତାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିବା ବେଳେ ସାପ କାମୁଡ଼ିଥିବା ମଧ୍ୟ ସନ୍ଦେହ କରାଯାଉଛି। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଘଟଣାର ଅଧିକ ତଦନ୍ତ ଫାଣ୍ଡି ପୋଲିସ ଚଳାଇଛି।

### ଜଳିଗଲା କମ୍ପ୍ୟୁଟର ସାମଗ୍ରୀ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ସହର ଲକ୍ଷ୍ମୀ ବଜାର ଅଞ୍ଚଳରେ ଥିବା ବିଜ୍ଞାନ ଜେନାଙ୍କ ଘରେ ବୁଧବାର ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର ସାମଗ୍ରୀ ଜଳିଯାଇଛି। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ତରନ୍ତ ନିଆଁକୁ ଆୟତ୍ତ କରିବା ସହ ହୋଇଥିବା କ୍ଷୟକ୍ଷତି ଆକଳନ କରିଛନ୍ତି।

# ୧୭୬ ଜଣଙ୍କୁ ଦିଆଗଲା ସ୍କୁଟି

■ଢେଙ୍କାନାଳରେ ମିଶନ ଶକ୍ତି ସ୍କୁଟର ଯୋଜନାର ପ୍ରଥମ ପର୍ଯ୍ୟାୟ

■ମହିଳାମାନଙ୍କୁ ଅଧିକ ସଶକ୍ତୀକରଣ କରାଯିବା ଉପରେ ଗୁରୁତ୍ୱ

ଢେଙ୍କାନାଳ,୧୧।୧୦(ରତନ ନାୟାର)


ଢେଙ୍କାନାଳଠାରେ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ ଅବସରରେ ସ୍କୁଟି ପ୍ରଦାନ କରାଯାଇଛି।

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ପୂର୍ବାହ୍ନ ୧୧ଟାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ଜିଲାରେ ମିଶନ ଶକ୍ତି ସ୍କୁଟର ଯୋଜନା ଶୁଭାରମ୍ଭ ଅବସରରେ ପ୍ରଥମ ପର୍ଯ୍ୟାୟରେ ଜିଲାର ସମସ୍ତ ୮ଟି ବ୍ଲକର ୧୭୬ଜଣ ମିଶନ ଶକ୍ତି ବ୍ଲକ ଓ ପଞ୍ଚାୟତ ଫେଡେରେଶନ, ମାଷ୍ଟର ବୁକ୍ କିପର ଓ କମ୍ୟୁନିଟି ରିସୋର୍ସ ପର୍ସନ ସଦସ୍ୟାଙ୍କୁ ସ୍କୁଟି ପ୍ରଦାନ କରାଯାଇଛି। ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଜ୍ୟୋତି ଶଙ୍କର ସାହୁ ସବୁଜ ପତାକା ଦେଖାଇ ଯୋଜନାର ଶୁଭାରମ୍ଭ କରିଥିଲେ। ଏହାପରେ ମହିଳା ସଦସ୍ୟମାନେ ସ୍କୁଟି ଚଳାଇ ଯାଇଥିଲେ।

ଏହିଅବସରରେ ଜିଲାପାଳ କହିଲେ, ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ ଜିଲାରେ ୧୭୬ଜଣଙ୍କୁ ସ୍କୁଟି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାରେ ସ୍କୁଟି ପାଇଥିବା ସଦସ୍ୟାମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍କୁଟି କିଣିବାକୁ ବିନା ସୁଧର ଋଣ ଦିଆଯିବ। ଏହାଦ୍ୱାରା ମହିଳାମାନଙ୍କ କାର୍ଯ୍ୟ ଦକ୍ଷତା ବଢ଼ିବ ଓ ସେମାନେ ଅଧିକ ସଶକ୍ତୀକରଣ ହୋଇପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସ୍କୁଟି ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମୀତା ଶର୍ମା, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ସେଫାଳି ପ୍ରିୟଦର୍ଶିନୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏଲ୍ଏନ୍ଆଇପିଇ ଗ୍ୱାଲିୟର ୨-୦ରେ ବିଜୟୀ

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ଚାଲିଥିବା ୫ମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ବୁଧବାର ମ୍ୟାଚରେ ଏଲ୍ଏନ୍ଆଇପିଇ ଗ୍ୱାଲିୟର ୨-୦ଗୋଲରେ ମା' ମଙ୍ଗଳା କ୍ଲବ ବନମାଳୀ ପ୍ରସାଦ ଢେଙ୍କାନାଳକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ମ୍ୟାଚକୁ ଶଶିକାନ୍ତ ଦାଶିଆ, ରାଜୁ ମହାନ୍ତି, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ଦେବରାଜ ସ୍ୱାଇଁ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଥିଲେ। ମୁଖ୍ୟ ଅତିଥି ଭାବେ ସାଗର ସିମେଣ୍ଟ ରାଜ୍ୟ ମୁଖ୍ୟ ରାଜେଶ ମେନନ ଓ ଢେଙ୍କାନାଳ ସି ଆଣ୍ଡ୍ ଏଫ୍ ମନୋଜ ମହାନ୍ତି, ସେଲ୍ସ ମ୍ୟାନେଜର ଶୁବାଶିଷ ମହାନ୍ତି, ଡିଷ୍ଟ୍ରିବ୍ୟୁଟର ଶ୍ରୀକାନ୍ତ କୁମାର ସାହୁ, ଆର୍କିଟେକ୍ଟର ଅଶୋକ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପ ସଭାପତି ସଞ୍ଜୟ କୁମାର ଭଞ୍ଜ, ଅଭିଜିତ ମିଶ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ମନୋ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶିବ ଦାସ, ସୁଶାନ୍ତ ଜେନା, ବିକାଶ ପଟ୍ଟନାୟକ, ବିରଜା ମିଶ୍ର, ଗିରିଜା ମହାନ୍ତି, ପର୍ଶୁରାମ ମିଶ୍ର ଓ ସରୋଜ କୁମାର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।


ବୁଧବାର ଖେଳାଯାଇଥିବା ମ୍ୟାଚର ଏକ ଦୃଶ୍ୟ।

# ଧର୍ମଶାଳା ଜମି ହଡ଼ପ ମସୁଧା

### ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ଜଗନ୍ନାଥ ମନ୍ଦିର ନିକଟସ୍ଥ ଧର୍ମଶାଳା ଜମିକୁ ହଡପ କରିବା ପାଇଁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମସୁଧା କରୁଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ଅଭିଯୋଗ କରିବା ସହିତ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ବିରୋଧରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ପୁଣିଥରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅଭିଯୋଗରୁ ଜଣାପଡିଛି, ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି କପିଳାସ ପୀଠାଧୀଶ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ଭୂସମ୍ପତ୍ତି ଉପରେ ପଡିଛି। କପିଳାସ ପାଦ ଦେଶରେ ଦେଓଗାଁ ଗ୍ରାମରେ କେଉଁ କାଳରୁ ଜଗନ୍ନାଥ ମନ୍ଦିର ରହିଛି। ସେହି ମନ୍ଦିରକୁ ଲାଗି ରାଜା ରାଜୁଡା ସମୟରୁ ଏକ ଧର୍ମଶାଳା ନିର୍ମାଣ କରାଯାଇଥିଲା। ଏଥିପାଇଁ ଜଣେ ବ୍ୟକ୍ତି ଜମିଦାନ କରିଥିଲେ। ତାଙ୍କ ଦାନ ଜମିରୁ ଲବ୍ଧ ଅର୍ଥରୁ ଗରିବମାନଙ୍କୁ ମାଗଣା ଖାଇବା ବ୍ୟବସ୍ଥା ହୋଇଥିଲା ବୋଲି ଅଞ୍ଚଳବାସୀଙ୍କ ଆଲୋଚନାରୁ ଜଣାପଡିଛି। ଏହି ଜମିକୁ ଲାହା ଫଣ୍ଡ ନାମରେ ସମସ୍ତେ ଜାଣନ୍ତି। ସେଠାରେ ନିର୍ମାଣ ହୋଇଥିବା ଧର୍ମଶାଳା ବହୁ ପୁରୁଣା ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ତାହାକୁ ଦେବୋତ୍ତର ବିଭାଗ କିଛିଦିନ ହେବ ଭାଙ୍ଗି ଦେଇଛି। ସେଠାରେ ପ୍ରାୟ ଗୋଟିଏ ଏକର ଜାଗାରେ ପାଚେରି ନିର୍ମାଣ କରାଯାଇଛି। ସେହି ଜାଗାକୁ ଗ୍ରାମବାସୀ ବିଭିନ୍ନ ପର୍ବପର୍ବାଣି ପାଇଁ ବ୍ୟବହାର କରୁଥାନ୍ତି। କିନ୍ତୁ ଉକ୍ତ ଜାଗାରେ ଧର୍ମଶାଳା ପୁନଃନିର୍ମାଣ କରିବା ପରିବର୍ତ୍ତେ ଏହାକୁ ଲୁଚାଛପାରେ ଜଣେ ବ୍ୟବସାୟୀଙ୍କୁ ହସ୍ତାନ୍ତର କରିବା ପାଇଁ ବିନା ଟେଣ୍ଡରରେ ଦେବୋତ୍ତର ବିଭାଗର କେତେଜଣ ଅସାଧୁ କର୍ମଚାରୀ ଯୋଜନା କରୁଥିବା ପୂର୍ବତନ ବିଧାୟକ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମାନେ ଏହାକୁ ବିରୋଧ କରି ମଙ୍ଗଳବାର ଏକ ବୈଠକ କରିଥିଲେ। ଏ ନେଇ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଜଣେ ବଦାନ୍ୟ ବ୍ୟକ୍ତିଙ୍କ ଦାନ ଜମିରେ ନିର୍ମିତ ଧର୍ମଶାଳାକୁ ମରାମତି ନ କରି ଭାଙ୍ଗି ଦେଇ ଉକ୍ତ ମୂଲ୍ୟବାନ ଜମିକୁ କାହା ପରାମର୍ଶରେ ହସ୍ତାନ୍ତର ପାଇଁ ଯୋଜନା କରାଯାଉଛି, ତାହା ତଦନ୍ତ ସାପେକ୍ଷ ବୋଲି ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ସୂଚନା ଅଧିକାରୀ ଆଇନ ବଳରେ ଦେବୋତ୍ତର ବିଭାଗକୁ ତଥ୍ୟ ମାଗିଛନ୍ତି। ତଥ୍ୟ ହାସଲ ପରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୂର୍ବତନ ବିଧାୟକ କହିଛନ୍ତି। ଜିଲା ଦେବୋତ୍ତର ଅଧିକାରୀ ହରିହର ପଞ୍ଝିଆରି ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଉକ୍ତ ଜାଗାକୁ ବିକ୍ରି ପାଇଁ ମସୁଧା କରାଯାଉ ନାହିଁ। ନିୟମ ସମ୍ପର୍କରେ ଅବଗତ ରହିଛୁ।


ଦେଓଗାଁ ଜଗନ୍ନାଥ ମନ୍ଦିର ନିକଟସ୍ଥ ଧର୍ମଶାଳା ଜମି।

## ଛାତ୍ରୀମାନେ ନିଜ ପରିଚୟ ସୃଷ୍ଟି କରନ୍ତୁ


ମହିଳା ମହାବିଦ୍ୟାଳୟର ଜିଲାସ୍ତରୀୟ ଆନ୍ତର୍ଜାତିୟ ଶିଶୁ କନ୍ୟା ଦିବସ।

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ବଣିନାଳୀସ୍ଥିତ ବିଶ୍ୱ ଯୁବ କେନ୍ଦ୍ର, କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନ ଫାଉଣ୍ଡେଶନ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ ଛାତ୍ରୀମାନେ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ନିଜ ପରିଚୟ ସୃଷ୍ଟି କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସଂଯୋଜିକା ମଧୁମିତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ମନୋଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏସ୍‌ପି ହରପ୍ରିୟା ନାୟକ, ଛାତ୍ରୀମାନେ ଶାରୀରିକ ଓ ମାନସିକ କ୍ଷେତ୍ରରେ ଦୃଢ଼ମନା ହୋଇ ସମାଜର ହିତ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ବାଲ୍ୟ ବିବାହକୁ ସହଯୋଗ ନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଲୋକ ବିକାଶ ଅନୁଷ୍ଠାନ ନିର୍ଦ୍ଦେଶକ ଶେଖ ଅବଦୁଲ ସଫିକ୍ ଦିନକୁ ଅଧଘଣ୍ଟା ସମାଜ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ବାଲ୍ୟ ବିବାହର ଶିକାର ହୋଇଥିବା ସସ୍ମିତା ମହାନ୍ତି ନିଜ ଅସୁବିଧା ସମ୍ପର୍କରେ ଜଣାଇବା ସହିତ ବାଲ୍ୟ ବିବାହ ନ କରିବା ପାଇଁ କହିଥିଲେ। ଇଶୋ ଅନୁଷ୍ଠାନର ନିର୍ଦ୍ଦେଶିକା ପୁଷ୍ପାଞ୍ଜଳି ଜେନା ମହିଳା ହିଂସା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ତଥା ପରିବେକ୍ଷଣ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ନାରୀ ସମାଜର ମେରୁଦଣ୍ଡ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ଦାସ କହିଲେ, ନାରୀ ହେଉଛି ସମାଜର ମେରୁଦଣ୍ଡ। ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣା, ଖୁସି, ବିଜୁ କନ୍ୟାରତ୍ନ ଭଳି ବହୁ ଯୋଜନା ପ୍ରଣୟନ କରିଛନ୍ତି। ଜିଲା ସମାଜ ମଙ୍ଗଳ ଅଧିକାରୀ ମୀତା ଶର୍ମା କହିଲେ, ଏହି ଯୋଜନା ପାଇଁ ୧୯ ଡିସେମ୍ବର ୨୦୧୧ରେ ମିଳିତ ଜାତିସଂଘର ସାଧାରଣ ସଭାରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଜିଲାର ସଫଳ ପର୍ବତାରୋହିଣୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷାବିତ ସୁସନ୍ଧ୍ୟା ମହାନ୍ତି ଓ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ।


ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ ଅବସରରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ଶିଶୁଙ୍କ ସାମଗ୍ରିକ ବିକାଶ ପ୍ରଶାସନର ଦାୟିତ୍ୱ


ଶିଶୁ ପାଇଁ ଦିନଟିଏ ସମୀକ୍ଷା ବୈଠକ ଓ ସମ୍ଭବ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମର ତ୍ରୈମାସିକ ସମୀକ୍ଷା ବୈଠକ ଓ ସମ୍ଭବ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଶିଶୁମାନଙ୍କ ସାମଗ୍ରିକ ବିକାଶ ପ୍ରଶାସନର ଦାୟିତ୍ୱ। ଗୋଟିଏ ଦେଶର ବିକାଶ ଏହାର ଶିଶୁମାନଙ୍କ ବିକାଶ ଉପରେ ନିର୍ଭରଶୀଳ। ଢେଙ୍କାନାଳ ଜିଲାରେ ପ୍ରତି ୧୦୦୦ ପୁରୁଷ ମଧ୍ୟରେ ୯୨୭ଜଣ ମହିଳା ଅଛନ୍ତି। ସମ୍ଭବ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସଂଖ୍ୟାକୁ ବୃଦ୍ଧି କରାଯାଇପାରିବ। କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ମୀତା ଶର୍ମା କହିଲେ, ସମ୍ଭବ କାର୍ଯ୍ୟକ୍ରମ ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ଜିଲା ପ୍ରଶାସନର ଏକ ଅଭିନବ ପ୍ରୟାସ। ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ମାନବ ଚାଲାଣ ଉପରେ ରୋକ୍ ଲଗାଇବା, ଅଧାରୁ ପଢ଼ା ଛାଡୁଥିବା ପିଲାଙ୍କୁ ପୁଣି ବିଦ୍ୟାଳୟକୁ ଫେରାଇ ଆଣିବା। ଏହି କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଏକ କମିଟି ଗଠନ କରାଯାଇଛି। ୟୁନିସେଫ୍‌ର ଜିଲା ସଂଯୋଜିକା ଅଙ୍ଗୁରବାଳା ମିଶ୍ର ତଥ୍ୟ ଉପସ୍ଥାପନ କରି କହିଲେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ସମସ୍ତ ୨୨୦୦ ଅଙ୍ଗନୱାଡି କର୍ମୀ ପ୍ରତ୍ୟେକ ଜଣେ ଲେଖାଏ କିଶୋରୀଙ୍କୁ ଏକବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ କରିବେ। ଯେଉଁ କିଶୋରୀମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣରେ ପଛରେ ଥିବେ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରାଯିବ। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୧୩୬ଟି ବାଲ୍ୟ ବିବାହକୁ ରୋକାଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ସେଫାଳି ପ୍ରିୟଦର୍ଶିନୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀଙ୍କ ସମେତ ଜିଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବାଳିକାମାନେ ଯୋଗ ଦେଇଥିଲେ ।

## 'ଜଗତର ଯନ୍ତ୍ରୀ ହେଉଛନ୍ତି ଜଗନ୍ନାଥ'

ଢେଙ୍କାନାଳ,୧୧।୧୦ (ରତନ ନାୟାର)

ଢେଙ୍କାନାଳ ସହର ଦଧିବାମନଜୀଉ ମଠରେ ବୁଧବାର ଶ୍ରୀଜଗନ୍ନାଥ ଚେତନା ସମିତିର ତୃତୀୟ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଅନୁଷ୍ଠାନ ସଭାପତି ସାଧୁ ସଦାନନ୍ଦ ଦାସ ମହାରାଜ କହିଲେ, ଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱର ଯନ୍ତ୍ରୀ। ସମଗ୍ର ଜଗତ ଏବଂ ପ୍ରାଣୀ ତାଙ୍କର ଯନ୍ତ୍ର। ଯୁଗଯୁଗ ଧରି ଯନ୍ତ୍ର ଓ ଯନ୍ତ୍ରୀ ପରସ୍ପର ପରିପୂରକ ହୋଇ ଲୀଳାଖେଳା କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟରତ୍ନ ଚକ୍ରଧର, ଜ୍ଞାନେନ୍ଦ୍ର ସାହୁ, ଡ. ପୁଷ୍ପଲତା ରଥ, ପରେଶ ଚନ୍ଦ୍ର ପଟ୍ଟନାୟକ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ନିର୍ମଳା ମହାପାତ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, ଭାବଗ୍ରାହୀ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ନନ୍ଦ, ସୁଶାନ୍ତ ପାଣି, ବିଜ୍ଞାନ ମହାନ୍ତି, ଅଶ୍ୱିନୀ ସାହୁ, ଦୁର୍ଗାଚରଣ ମହାପାତ୍ର ଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଅକ୍ଷୟ ନାୟକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଜନ ପରିବେଷଣ କରିଥିଲେ।

## ରଥଗଡ଼ାରେ ମୋବାଇଲ ଲୁଟେରା ସକ୍ରିୟ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ସହର ରଥଗଡ଼ା ପରିବା ମାର୍କେଟ ଅଞ୍ଚଳ ମୋବାଇଲ ଲୁଟେରାଙ୍କ ପେଣ୍ଠସ୍ଥଳୀ ପାଲଟିଛି। ପରିବା କିଣିବାକୁ ଯାଉଥିବା ଲୋକମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବୁଧବାର ଏଠାରେ ପରିବା କିଣୁଥିବା ୪ଜଣ ଲୋକଙ୍କ ଠାରୁ ୪ଟି ଦାମୀ ମୋବାଇଲ ଲୁଟ୍ ହୋଇଥିବା ବେଳେ ଆଉଏକ ମୋବାଇଲ କାଳଟାକ୍ସ ଅଞ୍ଚଳରୁ ଲୁଟ୍ ହୋଇଛି। ଲୁଟେରାମାନେ ବାଇକ୍‌ରେ ଆସି ପରିବା କିଣିବାକୁ ଆସୁଥିବା ଲୋକଙ୍କୁ ଧକ୍କା ଦେଉଛନ୍ତି । ସେଠାରେ ଉପସ୍ଥିତ ଥିବା ଅନ୍ୟ ସହଯୋଗୀ ପଡିଥିବା ଲୋକଙ୍କୁ ଉଠାଇବା ପାଇଁ ସହଯୋଗ କରିବା ଆଳରେ ଚତୁରତାର ସହ ତାଙ୍କଠାରୁ ମୋବାଇଲ ଲୁଟି ନେଉଛନ୍ତି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ୫ଟି ମାମଲା ରୁଜୁ କରାଯାଇ ତନାଘନା ଜାରି ରହିଛି ବୋଲି ଟାଉନ ଥାନା ପକ୍ଷରୁ ରାଜେନ୍ଦ୍ର ମହାପାତ୍ର ଜଣାଇଛନ୍ତି ।


ଢେଙ୍କାନାଳ ସହର ବାଜିଚୌକ ଶହୀଦ ମୀନାରଠାରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ତିରୋଧାନ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ଏମ୍‌ପି ମହେଶ ସାହୁ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ ପ୍ରମୁଖ ମାଲ୍ୟାର୍ପଣ କରୁଛନ୍ତି।


ଢେଙ୍କାନାଳ ସହର ପିଡବ୍ଲ୍ୟୁଡି ରୋଡ୍ ପାର୍ଶ୍ୱରେ ଥିବା ପାଚେରିରେ ଜଣେ ଚିତ୍ରଶିଳ୍ପୀ ସୁନ୍ଦର ଚିତ୍ର ଅଙ୍କନ କରୁଛନ୍ତି। (ଫଟୋ-ମାନସ)

